# ତହସିଲ କାର୍ଯ୍ୟାଳୟ, ଚନ୍ଦ୍ରପୁର, ଜିଲ୍ଲା – ରାୟଗଡ

## ଦୀର୍ଘ ମିଆଦୀ ଲିଜ ନିମନ୍ତେ ନିଲାମ ଇସ୍ତାହାର

ବିଜ୍ଞପ୍ତି ସଂଖ୍ୟା ୧୩୦ /୨୦୨୦ ତାରିଖ ୨୧.୦୧.୨୦୨୦

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଚନ୍ଦ୍ରପୁର ତହସିଲ ଅନ୍ତର୍ଗତ ଡାଙ୍ଗସୋରଡା ବାଲିଘାଟ ତଥା ବାଲି ସୈରାତ ଉତ୍ସ ଦୀର୍ଘ ମିଆଦୀ ଲିଜ ସୂତ୍ରେ ଓଡିଶା ଲଘୁ ଖଣିଜ ରିହାତି (ସଂଶୋଧିତ) ଆଇନ ୨୦୧୬ (OMMC (Amendment) Rules-2016) ମୁତାବକ ପାଞ୍ଚ ବର୍ଷ ନିମନ୍ତେ ତଥା ୨୦୨୦-୨୧ ବର୍ଷ ଠାରୁ ୨୦୨୪-୨୫ ବର୍ଷ ପର୍ଯ୍ୟନ୍ତ ଦିଆଯିବ । ଏଥି ସମ୍ପର୍କିତ ସମସ୍ତ ବିବରଣୀ ଯଥା, ବିଜ୍ଞାପନ, ସର୍ତ୍ତାବଳୀ, ତହସିଲୱାରୀ ସୈରାତ ଉତ୍ସର ନାମ ଓ ଅବସ୍ଥାନ, ନିଲାମ ତାରିଖ ଓ ସ୍ଥାନ ଆଦି ଏଥିସହ ସଂଲଗ୍ନ କରାଗଲା । ଇଚ୍ଛୁକ ବ୍ୟକ୍ତି ବିଶେଷ ବିଜ୍ଞାପନରେ ଦର୍ଶାଯାଇଥିବା Form-M ପୂରଣ କରି ତହସିଲଦାର, ଚନ୍ଦ୍ରପୁରଙ୍କ କାର୍ଯ୍ୟାଳୟକୁ ରେଜିଷ୍ଟ୍ରି ଡାକଯୋଗେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରିପାରିବେ ।

ତହସିଲଦାର, ଚନ୍ଦ୍ରପୁର

ପରିପତ୍ର ସଂଖ୍ୟା ୧୩୧ / ୨୦୨୦ ତାରିଖ ୨୧.୦୧.୨୦୨୦

ଏହାର ଏକାକିତା ନକଲ ଏହି ତହସିଲର ସମସ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ / ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ / ତହସିଲ କାର୍ଯ୍ୟାଳୟ, ଚନ୍ଦ୍ରପୁର ଓ ପଞ୍ଚାୟତ ସମିତି କାର୍ଯ୍ୟାଳୟ,ଚନ୍ଦ୍ରପୁରଙ୍କ ବିଜ୍ଞାପନ ଫଳକରେ ପ୍ରକାଶ କରିବା ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଚନ୍ଦ୍ରପୁର

ପରିପତ୍ର ସଂଖ୍ୟା ୧୩୨ / ୨୦୨୦ ତାରିଖ ୨୧.୦୧.୨୦୨୦

ଏହାର ଏକାକିତା ନକଲ ଜିଲ୍ଲାପାଳ, ରାୟଗଡ଼/ ଉପଜିଲ୍ଲାପାଳ, ଗୁଣୁପୁରଙ୍କ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଚନ୍ଦ୍ରପୁର

ପରିପତ୍ର ସଂଖ୍ୟା ୧୩୩ / ୨୦୨୦ ତାରିଖ ୨୧.୦୧.୨୦୨୦

ଏହାର ଏକାକିତା ନକଲ D.I.O.,NIC, ରାୟଗଡ଼ଙ୍କ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା ଏବଂ ଏହି ବିଜ୍ଞାପନଟିକୁ ଜିଲ୍ଲା ୱେବସାଇଟ ତଥା www.rayagada.nic.in ରେ ଉପଲବ୍ଧ କରିବା ନିମନ୍ତେ ଅନୁରୋଧ କରାଗଲା ।

ତହସିଲଦାର, ଚନ୍ଦ୍ରପୁର

ପରିପତ୍ର ସଂଖ୍ୟା ୧୩୪ / ୨୦୨୦ ତାରିଖ ୨୧.୦୧.୨୦୨୦

ଏହାର ଏକାକିତା ନକଲ ସ୍ଥାନୀୟ ଧରିତ୍ରୀ ଦୈନିକ ପତ୍ରିକାର ସମ୍ପାଦକ ଙ୍କୁ ବିଜ୍ଞାପନରେ ପ୍ରକାଶ କରିବା ନିମନ୍ତେ ଅନୁରୋଧ କରାଗଲା ।

ତହସିଲଦାର, ଚନ୍ଦ୍ରପୁର

Scanned by CamScanner

# ତହସିଲ କାର୍ଯ୍ୟାଳୟ, ଚନ୍ଦ୍ରପୁର

## ଦୀର୍ଘ ମିଆଦୀ ଲିଜ ନିମନ୍ତେ ନିଲାମ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଚନ୍ଦ୍ରପୁର ତହସିଲ ଅନ୍ତର୍ଗତ ନିମ୍ନଲିଖିତ ଡାଙ୍ଗସୋରଡା ବାଲିଘାଟ ତଥା ବାଲି ସୈରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ ) ର ଆସନ୍ତା ୫ ବର୍ଷ ନିମନ୍ତେ ୨୦୨୦-୨୧ ବର୍ଷ ଠାରୁ ୨୦୨୪-୨୫ ବର୍ଷ ପର୍ଯ୍ୟନ୍ତ ଲିଜ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତି ବିଶେଷ OMMC(Amendment)Rule-2016 ଦ୍ୱାରା ପ୍ରଣିତ Form-M ପୂରଣ କରି ୩ ଟି କପି ସହ ନିମ୍ନଲିଖିତ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଲଫାପାରେ ଏହି କାର୍ଯ୍ୟାଳୟକୁ ରେଜିଷ୍ଟ୍ରି ପୋଷ୍ଟ ମାଧ୍ୟମରେ ଆବେଦନ କରିପାରିବେ । (ଲଫାପା ଉପରେ ସୈରାତ ଉତ୍ସର ନାମ ଲେଖାଥିବା ଆବଶ୍ୟକ) ନିଲାମ ଧାର୍ଯ୍ୟ ତାରିଖର ପୂର୍ବ ଦିନ ଅପରାହ୍ନ ଘ. ୫.୦୦ ଟିକା ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକ ବିଚାରକୁ ନିଆଯିବ ନାହିଁ । କୌଣସି କାରଣ ନ ଦର୍ଶାଇ ନିଲାମକୁ ସ୍ଥଗିତ / ରଦ୍ଦ କରିବାର କ୍ଷମତା, କ୍ଷମତା ପ୍ରାପ୍ତ ଅଧିକାରୀ ତଥା ତହସିଲଦାର, ଚନ୍ଦ୍ରପୁରଙ୍କ ରହିଅଛି ।

**ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ** ୧. ଦରଖାସ୍ତ ପାଉଣା ବାବଦ ଟ. ୧୦୦୦.୦୦ଙ୍କା (ଅଣ ଫେରସ୍ତ) Head of Ac. 0029-00-101-0165-01018- Land & Revenue Tax ର ଟ୍ରେଜେରୀ ଚାଲାଣ ୨. ପ୍ରସ୍ତାବିତ ସୈରାତ ଉତ୍ସର ତଫସିଲ ସହ ଚୌହାଦୀର ସଂପୂର୍ଣ୍ଣ ବିବରଣୀ ସଂପୃକ୍ତ ସୈରାତ ଉତ୍ସକୁ ପରିଦର୍ଶନ କରି ତହସିଲ କାର୍ଯ୍ୟାଳୟ ଦ୍ୱାରା ପ୍ରସ୍ତୁତ ନକ୍ସା ମେଳକରି ସଂଲଗ୍ନ କରିବେ । ୩. ସଇରାତ ଉତ୍ସ ବିବାଦୀୟ କୌଣସି ବକେୟା ଅର୍ଥ ନଥିବା ସମ୍ବନ୍ଧୀୟ ସତ୍ୟପାଠ । ୪. ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ Solvency Certificate ସହ ଅସ୍ଥାବର ସମ୍ପତ୍ତିର ପ୍ରମାଣ ପତ୍ର । ୫. ଅନ୍ୟାନ୍ୟ ଆବଶ୍ୟକ ତଥ୍ୟର ବିବରଣୀ ଯଥା ବୈଷୟକ ଜ୍ଞାନ, ଦକ୍ଷତା, ନିଜର ଉପଲବ୍ଧ ଥିବା ଯନ୍ତ୍ରପାତି ଓ ଆର୍ଥିକ ଅବସ୍ଥା ବାବଦୀୟ ତଥ୍ୟ ।

ଅ. ପୃ. ଦେ.

Scanned by CamScanner

**ବିଶେଷ ସର୍ତ୍ତାବଳୀ** ୧. ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧିତ ନିୟମାବଳୀ୨୦୧୬ OMMC(Amendment)Rule-2016 ଏବଂ Manual of Tahasil Accounts ର ପରିସରଭୁକ୍ତ ରହିବେ । ୨. ପ୍ରଚଳିତ ନିୟମାବଳୀ ଅନୁଯାୟୀ ରୟାଲିଟିର ସର୍ବୋଚ୍ଚ ମୂଲ୍ୟ ଉଲ୍ଲେଖ କରିଥିବା ନିଲାମଧାରୀ/ଲିଜ୍ ଦରଖାସ୍ତକୁ ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯିବ । ୩.ଲିଜଧାରୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଧାର୍ଯ୍ୟ ଅମାନତ ଅର୍ଥ ନିଲାମ ଚୂଡାନ୍ତ ଦିବସର ୭ ଦିନ ମଧ୍ୟରେ ନଗଦ ଟଙ୍କା ଆକାରରେ ସମ୍ପୃକ୍ତ ତହସିଲଦାର ନିକଟରେ ଦାଖଲ କରିବେ । ୪. ଯଦି ନିଲାମଧାରୀ ନିର୍ଦ୍ଧାରିତ ସମୟରେ Mining Plan (in ZB Form) ଓ ପରିବେଶ ମଞ୍ଜୁରୀ ସମ୍ବନ୍ଧୀୟ କାଗଜପତ୍ର ଦାଖଲ ନ କରନ୍ତି ତେବେ ଉକ୍ତ ଅର୍ଥ ବାଜ୍ୟାପ୍ତି କରାଯିବ । ୫. ମାଇନିଂ ପ୍ଲାନରେ ଦର୍ଶାଯାଇଥିବା ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟର ପରିମାଣ ତଥା ଲିଜଧାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସର୍ବୋଚ୍ଚ ମୂଲ୍ୟକୁ ଗୁଣନ କରି ସମ୍ପୃକ୍ତ ଅର୍ଥକୁ Environment clearance ଆଣି ସାରି ପୈଠ ହେଲାପରେ ରେଜିଷ୍ଟ୍ରେସନ ଆକ୍ଟ ୧୯୦୮ ଓ ଷ୍ଟାମ୍ପ ଆକ୍ଟ ୧୯୯୯ ଅନୁଯାୟୀ ଚୁକ୍ତି ପତ୍ର (lease deed) ସମ୍ପାଦନ କରିବେ। ୬. ଯଦି ସର୍ବୋଚ୍ଚ ରୟାଲିଟି ମୂଲ୍ୟାଙ୍କ କରିଥିବା ଆବେଦନକାରୀ ସମୟସୀମା ମଧ୍ୟରେ ଅମାନତ ରାଶି ଦାଖଲ କରିବାରେ ଖିଲାପ କରନ୍ତି, ତାହାହେଲେ ୨ୟ ଏବଂ ପରବର୍ତ୍ତୀ ସର୍ବାଧିକ ନୀଲାମଧାରୀମାନଙ୍କୁ କ୍ରମନ୍ୱୟରେ ସୁଯୋଗ ଦିଆଯିବ । ୭. ଯଦି ଦରଖାସ୍ତକାରୀ ଧାର୍ଯ୍ୟ ରୟାଲିଟି ମୂଲ୍ୟଠାରୁ କମ୍ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତେବେ ଦରଖାସ୍ତ ବିଚାରକୁ ନିଆଯିବ ନାହିଁ । ୮. ନିଲାମଧାରୀମାନେ OMMC(Amendment) Rule-2016 ର ସମସ୍ତ ସର୍ତ୍ତାବଳୀ ମାନିବା ନିମନ୍ତେ ବାଧ୍ୟ ହେବେ । ୯. ଲିଜଧାରୀ Surface Rent/ Dead Rent ସହ ଜମା ରୟାଲିଟିର ୨% ଅର୍ଥ ଆୟକର ବାବଦକୁ ୫% ଅର୍ଥ ପରିବେଶ ପରିଚାଳନା ପାଣ୍ଠି (EMF) ଏବଂ ୧୦% ଅର୍ଥ ଜିଲ୍ଲା ମିନିରିୟଲ ପାଣ୍ଠି (DMF) ରେ ଜମା କରିବେ । ୧୦. ଦରଖାସ୍ତକାରୀ Mines Act 1952 ଏବଂ Explosive Act 1984 ର ସମସ୍ତ ନିୟମ ନିୟମାବଳୀର ଅନ୍ତର୍ଭୁକ୍ତ ରହିବେ ।

**ଅ. ପୃ. ଦେ.**

Scanned by CamScanner

ପ୍ରଥମ ନିର୍ଦ୍ଧାରିତ ନିଲାମ ତାରିଖ ଦିନ ଯେଉଁ ସୈରାତ ଉତ୍ସଗୁଡିକ ନିଲାମ ହୋଇ ନ ପାରିବ, ପୁନଶ୍ଚ ସାରଣୀ ଅନୁଯାୟୀ ପରବର୍ତ୍ତୀ ନିର୍ଦ୍ଧାରିତ ତାରିଖ ଓ ସମୟରେ ନିଲାମ ହେବ । ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ (ଛୁଟି ଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ । ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ଏହା ସଂଶୋଧନ କରିବାର କ୍ଷମତା ନିମ୍ନସ୍ୱାକ୍ଷରକାରୀଙ୍କ ରହିଅଛି । ନିଲାମ ସ୍ଥାନ, ଧାର୍ଯ୍ୟ ତାରିଖ ଓ ସମୟ ନିମ୍ନରେ ପ୍ରଦାନ କରାଯାଇଅଛି । ତହସିଲୱାରି ସୈରାତ ଉତ୍ସ ଗୁଡିକର ସମ୍ପୂର୍ଣ୍ଣ ବିବରଣୀ ଏଥି ସହିତ ସଂଲଗ୍ନ କରାଯାଇଅଛି ।

**ନିଲାମ ସ୍ଥାନ : ତହସିଲ କାର୍ଯ୍ୟାଳୟ ,ଚନ୍ଦ୍ରପୁର**

ଧାର୍ଯ୍ୟ ତାରିଖ ଓ ସମୟ : ପ୍ରଥମ ପର୍ଯ୍ୟାୟ ତା. ୧୨. ୦୩ ୨୦୨୦ , ଦିବା ୧୧.୦୦ ଘ.

ଦ୍ୱୀତୀୟ ପର୍ଯ୍ୟାୟ ତା. ୨୦. ୦୩. ୨୦୨୦, ଦିବା ୧୧.୦୦ ଘ.

ତୃତୀୟ ପର୍ଯ୍ୟାୟ ତା. ୨୭. ୦୩. ୨୦୨୦ , ଦିବା ୧୧.୦୦ ଘ.

## ସୈରାତ ଉତ୍ସ ଗୁଡିକର ବିବରଣୀ

୧. ଡାଙ୍ଗସୋରଡା ବାଲିଘାଟ ଖା. ନଂ: ୫୧ ପ୍ଲଟ ନଂ : ୨୨ ଏ. ୧୨. ୮୦

ତହସିଲଦାର, ଚନ୍ଦ୍ରପୁର

Scanned by CamScanner